ରିପୋର୍ଟଯୋଗ୍ୟ

# ସର୍ବୋଚ୍ଚ ନ୍ୟାୟାଳୟ, ଭାରତ

ସିଭିଲ୍ ଅପିଲ୍ ଅଧିକାରିତା।

ସିଭିଲ୍ ଅପିଲ୍ ନଂ – ୧୫୧୭-୧୫୧୮/୨୦୨୧

(ସ୍ପେଶିଆଲ ଲିଭ୍ ପିଟିସନ୍ (ସିଭିଲ୍) ନଂ ୪୨୨୨-୪୨୨୩/୨୦୨୧ରୁ ଉଦ୍‌ଭୁତ)

ମେସର୍ସ ଉତ୍ତଳ ସପ୍ଲାୟର୍ସ..... ଅପିଲକାରୀ

ବନାମ

ମେସର୍ସ ମା କନକଦୁର୍ଗା ଏଣ୍ଟରପ୍ରାଇଜେସ୍ ଏବଂ ଓଗେର.....ଉତ୍ତରଦାତା।

ରାୟ୍

ମାନ୍ୟବର ନ୍ୟାୟମୂର୍ତ୍ତି ଆର୍. ଏଫ୍. ନରିମାନ

୧- ଲିଭ୍ ମଞ୍ଜୁର କରାଗଲା ।

୨- ଏହି ଅପିଲ୍ ଗୁଡ଼ିକ ଉତ୍ତରଦାତା ନଂ.୪ ଅର୍ଥାତ ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ଏସ୍.ସି.ବି. ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, କଟକ ଦ୍ୱାରା ଜାରି କରାଯାଇଥିବା ଏକ ଟେଣ୍ଡର କଲ୍ ନୋଟିସ୍ (ଟି.ସି.ଏନ୍) ରୁ ଉଦ୍‌ଭୁତ । ଏହି ଟେଣ୍ଡର କଲ୍ ବିଜ୍ଞପ୍ତି ଦ୍ୱାରା ୨୦୧୯-୨୦୨୦ ବର୍ଷ ପାଇଁ ସର୍ବନିମ୍ନ ୨୦୦ ଶଯ୍ୟା ବିଶିଷ୍ଟ ସରକାରୀ କିମ୍ବା ଘରୋଇ ପ୍ରତିଷ୍ଠାନ ଗୁଡ଼ିକରେ ଚିକିତ୍ସା ଏବଂ ଅଣଚିକିତ୍ସା ଖାଦ୍ୟର ପ୍ରସ୍ତୁତି ଏବଂ ବିତରଣ କ୍ଷେତ୍ରରେ ନ୍ୟୁନତମ ୩ ବର୍ଷର ପ୍ରଯୁଜ୍ୟ ଅଭିଜ୍ଞତା ସହିତ ଶ୍ରମ ଏବଂ ଖାଦ୍ୟ ଲାଇସେନ୍ସ ଥିବା ଯୋଗ୍ୟ ପଞ୍ଜୀକୃତ ଖାଦ୍ୟ ପ୍ରସ୍ତୁତି ଏବଂ କ୍ୟାଟରିଂ ଫାର୍ମ/ଯୋଗାଣକାରୀ ଇତ୍ୟାଦିରୁ ଦୁଇ ବିଡ୍ ସିଷ୍ଟମ (ବୈଷୟିକ ଏବଂ ଆର୍ଥିକ) ରେ ମୁଦଦିଆ ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର କଲ୍ ବିଜ୍ଞପ୍ତି ସହିତ ସଂଲଗ୍ନ ହୋଇଥିବା "ନିର୍ଦ୍ଦେଶ ନିବନ୍ଧନ" ରେ ଧାରା ୬-୩-୩ ଏବଂ ୬-୩-୯ ଗୁରୁତ୍ୱପୂର୍ଣ୍ଣ ଏବଂ ଏଠାରେ ନିମ୍ନରେ ଉଲ୍ଲେଖ କରାଯାଇଛି :

"୬.୩ ଯୋଗ୍ୟତା ମାନଦଣ୍ଡ :

xxx xxx xxx

୩- ନିଲାମ ଡ଼କାଳି (ବିଡ଼ର)ଙ୍କର ସର୍ବନିମ୍ନ ୨୦୦ ଶଯ୍ୟା ବିଶିଷ୍ଟ ସରକାରୀ କିମ୍ବା ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତି ଏବଂ ଏହାର ଯୋଗାଣ/ସେବାରେ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ ।

xxx xxx xxx

୯- ବିଡ଼ରଙ୍କର ଶ୍ରମ ବିଭାଗର ବୈଧ ଶ୍ରମ ଲାଇସେନ୍ସ (ପଞ୍ଜୀକରଣ ସଂଖ୍ୟା ଏବଂ ତାରିଖ) ଥିବା ଆବଶ୍ୟକ ।

ପୁନଶ୍ଚ ଧାରା ୬.୧୩ ଅଧୀନରେ ଯେ କୋଣସି ବିଡ୍ ପ୍ରତ୍ୟାଖ୍ୟାନ କରିବାର ଅଧିକାର ନିମ୍ନଲିଖିତ ଭାବେ ପ୍ରଦାନ କରାଯାଇଛି :

> ''୬-୧୩-ବିଡ୍ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର :
> ଡ଼ାକ୍ତରଖାନା ପ୍ରଶାସନ କୌଣସି ବିଡ୍ ଏବଂ ବିଡ଼ିଂ ପ୍ରକ୍ରିୟା କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବା ଏବଂ ଚୁକ୍ତିନାମା ପ୍ରଦାନ ପୂର୍ବରୁ ଯେ କୌଣସି ସମୟରେ ଏହିପରି ସମସ୍ତ ବିଡ୍ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷଣ କରେ ।''

ସମାନଭାବରେ, ଧାରା ୬-୧୬ ଅନୁଯାୟୀ ଏସ.ସି.ବି. ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ପ୍ରଶାସନ ନିଜର ସ୍ୱାଧୀନତା ଅନୁଯାୟୀ କୌଣସି ବିଡ୍ ଦସ୍ତାବିଜକୁ ଅଯୋଗ୍ୟ କରିବାକୁ ଅଧିକାର ରଖେ ଯଦି ଉକ୍ତ ଧାରାରେ ଦର୍ଶାଯାଇଥିବା କୌଣସି ଦଲିଲ୍ (ଡ଼କ୍ୟୁମେଣ୍ଟ) ବିଡ଼ରଙ୍କ ଦ୍ୱାରା ଦାଖଲ କରାଯାଇନଥାଏ । ଧାରା ୬.୧୬ (ଚ) ନିମ୍ନମତେ ପଠନ କରାଯାଏ :

> ''୬.୧୬-ଅଯୋଗ୍ୟତା :
> ଏସ୍.ସି.ବି. ମେଡ଼ିକାଲ କଲେଜ ହସ୍ପିଟାଲ ପ୍ରଶାସନ ଏହି ବିଡ୍କୁ ଚାହିଁ ନିଜସ୍ୱ ବିବେଚନା ଅନୁଯାୟୀ କୌଣସି ବିଡ୍ ଡ଼କ୍ୟୁମେଣ୍ଟକୁ ଅଯୋଗ୍ୟ କରିବାକୁ ଅଧିକାର ରଖେ ଯଦି ବିଡ଼ରଙ୍କ ଦ୍ୱାରା ନିମ୍ନଲିଖିତ ଦସ୍ତାବିଜ ଦାଖଲ ନହୁଏ :-
> xxx xxx xxx
> (ଚ) ଯୋଗ୍ୟ କ ୃପକ୍ଷଙ୍କ ଠାରୁ ଶ୍ରମ ଲାଇସେନ୍ସ''

ଧାରା ୬.୨୦ ଅଧୀନରେ ଉପଧାରା ୬ ଦର୍ଶାଏ :

> ''୬.୨୦ ବିଡ଼ରଙ୍କ ପାଇଁ ସାଧାରଣ ସୂଚନା :
> xxx xxx xxx
> ୬. ରୋଷେଇ ଏବଂ ପରିବେଷଣ ପାଇଁ ଏଜେନ୍ସି ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତ କରିବେ ଯାହା ଦ୍ୱାରା ଅନ୍ତର୍ବାସୀ ରୋଗୀମାନଙ୍କୁ ଠିକ୍ ସମୟରେ ଖାଦ୍ୟ

ଯୋଗାଇ ଦିଆଯାଇପାରିବ । ସେମାନଙ୍କର ଆଧାର କାର୍ଡ଼ ନକଲ ସହିତ କର୍ମଚାରୀଙ୍କ ତାଲିକା ନିଶ୍ଚିତ ଭାବରେ ଅଫିସରେ ଦାଖଲ କରିବେ ।''

୩- ଉପରୋକ୍ତ ଅନୁଯାୟୀ, ଟେଣ୍ଡର କମିଟି ଦ୍ୱାରା ଚାରୋଟି ବିଡ୍ ଗ୍ରହଣ କରାଯାଇଥିଲା — ଅପିଲକାରୀ, ପ୍ରତିବାଦୀ ନଂ.୧, ପ୍ରତିବାଦୀ ନଂ.୫ ଏବଂ ପ୍ରତିବାଦୀ ନଂ.୬ । ତା୧୭.୦୨.୨୦୨୦ ରିଖର ବୈଷୟିକ କମିଟି ବୈଠକରେ ପ୍ରଦିବାଦୀ ନଂ.୧ ଏବଂ ପ୍ରତିବାଦୀ ନଂ. ୨ ଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା କାରଣ ଟେଣ୍ଡର କଲ ବିଜ୍ଞପ୍ତି ଆବଶ୍ୟକତା ଅନୁଯାୟୀ ସେମାନେ ବୈଧ ଶ୍ରମ ଲାଇସେନ୍ସ ଅର୍ଥାତ ଦକ୍ଷ କର୍ତ୍ତୃପକ୍ଷଙ୍କଠାରୁ ଏକ ଚୁକ୍ତିନାମା ଶ୍ରମ ଲାଇସେନ୍ସ ଦାଖଲ କରିନଥିଲେ । ଆର୍ଥିକ ବିଡ୍ ଖୋଲିବା ପାଇଁ ଅପିଲ୍‌କାରୀ ଏବଂ ପ୍ରତିବାଦୀ ନଂ ୫ଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଥିଲା ।

୪- ଏହି ପର୍ଯ୍ୟାୟରେ ଏହା ଅଯୋଗ୍ୟ ହୋଇପାରେ ବୋଲି ଆଶଙ୍କା କରି ପ୍ରତିବାଦୀ ନଂ.୧ ତା୧୯.୦୨.୨୦୨୦ ରିଖରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ । ଅପକ୍ୱତା ହେତୁ ତା୨୦.୦୨.୨୦୨୦ ରିଖରେ ଏହି ରିଟ୍ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

୫- ତା୨୪.୦୨.୨୦୨୦ ରିଖରେ ଟେଣ୍ଡର କମିଟି ଅପିଲକାରୀ ଏବଂ ପ୍ରତିବାଦୀ ନଂ ୫ ଙ୍କର ଆର୍ଥିକ ବିଡ୍ ଖୋଲିଥିଲା ଏବଂ ପ୍ରତ୍ୟେକ ଦିନ ପ୍ରତି ରୋଗୀଙ୍କ ହାରାହାରି ମୂଲ୍ୟ ୮୨ ଟଙ୍କା ପ୍ରକାଶ କରି ଅପିଲକାରୀ ସର୍ବନିମ୍ନ ବିଡ଼ର ବୋଲି ପାୟାଯାଇଥିଲା ।

୬- ଇତି ମଧ୍ୟରେ, ପ୍ରତିବାଦୀ ନଂ.୧ ତା ୧୩.୦୩.୨୦୨୦ ରିଖରେ ଏକ ରିଟ୍ ଆବେଦନ ଦାଖଲ କରି ପ୍ରାର୍ଥନା କରିଥିଲେ ଯେ ଟେଣ୍ଡର କମିଟି ପ୍ରକ୍ରିୟାକୁ ରଦ୍ଦ କରାଯାଉ ଏବଂ ପ୍ରତିବାଦୀ ନଂ ୧ ଙ୍କୁ ଟେଣ୍ଡର ପ୍ରଦାନ କରାଯାଉ ।

୭- ୨୭.୧୧.୨୦୨୦ ତାରିଖର ଏକ କାର୍ଯ୍ୟାଦେଶ ଦ୍ୱାରା ଅପିଲକାରୀଙ୍କୁ ଅନୁମୋଦିତ ହାରରେ ଟେଣ୍ଡର ପ୍ରଦାନ କରାଯାଇଥିଲା । ସେହି ଅନୁଯାୟୀ ୨୭.୧୧.୨୦୨୦ ତାରିଖ ଦିନ ଅପିଲକାରୀ ଏବଂ ପ୍ରତିବାଦୀ ନଂ. ୪ ମଧ୍ୟରେ ଏକ ବର୍ଷ ପାଇଁ ଏକ ଚୁକ୍ତିନାମା ହୋଇଥିଲା । ତା ୨୩.୦୩.୨୦୨୧ ରିଖର ଆକ୍ଷେପିତ ରାୟ ଦ୍ୱାରା ହାଇକୋର୍ଟ ତଥ୍ୟକୁ ଦର୍ଶାଇଥିଲେ ଏବଂ ତାପରେ ବିଚାର କରିଥିଲେ :

"୯- ଉପରେ ଯେପରି ଉଲ୍ଲେଖ କରାଯାଇଛି, ଯୋଗ୍ୟତା ମାନଦଣ୍ଡର ଧାରା-୯ ଖୋଲା ଏବଂ ଶ୍ରମ ବିଭାଗର ବୈଧ ଲାଇସେନ୍ସ ଆବଶ୍ୟକ କରୁଥିବା ସ୍ପଷ୍ଟ ଅଟେ । ଚୁକ୍ତିନାମା ଶ୍ରମ ନିୟମାବଳୀ ଏବଂ ରଦ୍ଦ ଅଧିନିୟମ, ୧୯୭୦ ଅନୁଯାୟୀ ଲାଇସେନ୍ସ ପ୍ରଦାନ କରିବାକୁ ଉକ୍ତ ସର୍ତ୍ତ କଦାପି ବାଧତାମୂଳକ ନୁହେଁ । ଉଦ୍ଦେଶ୍ୟ ଅନୁଯାୟୀ ଡ଼ାକ୍ତରଖାନାରେ ରୋଗୀଙ୍କୁ ଚିକିତ୍ସା ଏବଂ ଅଣଚିକିତ୍ସା ଖାଦ୍ୟ ଯୋଗାଇବାକୁ ଚୁକ୍ତିନାମା ଶ୍ରମ (ନିୟମାବଳୀ ଏବଂ ରଦ୍ଦ) ଅଧିନିୟମ, ୧୯୭୦ ଅନୁଯାୟୀ ଶ୍ରମ

ଲାଇସେନ୍ସର ଆବଶ୍ୟକତାକୁ ଆମେ ସ୍ୱୀକାର କରିବାରେ ବିଫଳ ହେଇଛୁ । ବରଂ, ଆବେଦନକାରୀଙ୍କ ଦାଖଲ ଯେ ସେହି ସମାନ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ ଅଧୀନରେ ଆବଶ୍ୟକ, ଏହା ଅଧିକ ଗ୍ରହଣୀୟ ବୋଧ ହୁଏ । ତେଣୁ ଚୁକ୍ତିନାମା ଶ୍ରମ (ନିୟମାବଳୀ ଏବଂ ରଦ୍ଦ) ଅଧିନିୟମ, ୧୯୭୦ ଅନୁଯାୟୀ ଶ୍ରମ ଲାଇସେନ୍ସ ଆବଶ୍ୟକ ରହିଛି ବୋଲି ବିପରୀତ ପକ୍ଷଙ୍କ ଯୁକ୍ତି ଟେଣ୍ଡର କଲ ବିଜ୍ଞପ୍ତିରେ ଦିଆଯାଇଥିବା ସର୍ତ୍ତକୁ ଦୃଷ୍ଟିରେ ରଖି ଯଥାର୍ଥ ମନେ ହେଉନାହିଁ । ଯେତେବେଳେ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ଶ୍ରମ ଲାଇସେନ୍ସ ଦାଖଲ ବିବାଦୀୟ ନୁହେଁ, ଆମର ବିବେଚିତ ମତରେ ତାହା ଧାରା-୯ ର ଆବଶ୍ୟକତାକୁ ପୂରଣ କରେ ।

୧୦- ଯୋଗ୍ୟତା ମାନଦଣ୍ଡର ଧାରା ୩ ଅନୁଯାୟୀ ତିନି ବର୍ଷର ଅଭିଜ୍ଞତାର ଅଭାବକୁ ନେଇ ବିପରୀତ ପକ୍ଷଙ୍କ ଦ୍ୱାରା ଯେପରି ଯୁକ୍ତି ରଖାଯାଇଛି, ସେହି ଅଭାବକୁ ଆସିବା ପରେ ପକ୍ଷମାନଙ୍କର ସ୍ୱୀକୃତିପ୍ରାପ୍ତ ମାମଲା ହେଉଛି ଯେ ଆବେଦନକାରୀ ୮ ଅଗଷ୍ଟ ୨୦୧୫ ଠାରୁ ୨୬ ଅକ୍ଟୋବର ୨୦୧୮ ପର୍ଯ୍ୟନ୍ତ ଏମ୍ସ ରେ ରୋଗୀ ଖାଦ୍ୟ ସେବା ଯୋଗାଇବାର ଅଭିଜ୍ଞତା ବାବଦରେ ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା ଜାରି ପ୍ରମାଣପତ୍ର ଦାଖଲ କରିଛନ୍ତି । ଏମ୍ସ, ଭୁବନେଶ୍ୱରରେ ଆବେଦନକାରୀଙ୍କର ସେବା ଅବଧି କ୍ରମାନୁସାରେ ନଥିଲା ଏବଂ ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରମାଣପତ୍ର ୬ ଅଗଷ୍ଟ ୨୦୧୭ ରୁ ୩୧ ଜୁଲାଇ, ୨୦୧୮ ମଧ୍ୟରେ ବିସ୍ତାର ଆଦେଶର ବ୍ୟବଧାନ ରହିଥିଲା ବୋଲି କହି ବିପରୀତ ପକ୍ଷ ନଂ. ୩ ଦ୍ୱାରା ଏହା ନକାରାତ୍ମକ ହୋଇଛି । ଆମର ବିବେଚିତ ଦୃଷ୍ଟିକୋଣରେ ବିପରୀତ ପକ୍ଷଙ୍କ ଏହିପରି ବିଶ୍ଳେଷଣ ପରିଶିଷ୍ଟ ୯ ସମ୍ମୁଖରେ ଦୁର୍ବଳ ଅଟେ ଯାହା ଏମ୍ସ, ଭୁବନେଶ୍ୱର ଦ୍ୱାରା ଆବେଦନକାରୀଙ୍କ ସପକ୍ଷରେ ପ୍ରଦାନ କରାଯାଇଥିବା ଅଭିଜ୍ଞତା ପ୍ରମାଣପତ୍ର ଅଟେ । ଅଧିକନ୍ତୁ, ୮ ଅଗଷ୍ଟ ୨୦୧୫ ରୁ ୨୬ ଅକ୍ଟୋବର ୨୦୧୮ ପର୍ଯ୍ୟନ୍ତ ଅଭିଜ୍ଞତା ଅବଧି ଯେତେବେଳେ ତିନିବର୍ଷ ଅତିକ୍ରମ କରେ, ତାହା ଧାରା-୩ର ଆବଶ୍ୟକତାକୁ ବିନା ଦ୍ୱିଧାରେ ପୂରଣ କରୁଥିବା ପରି ଦେଖାଯାଏ ।"

xxx xxx xxx

"୧୩- ବିପରୀତ ପକ୍ଷଙ୍କ ଦ୍ୱାରା ଏହା ସ୍ୱୀକାର କରାଯାଇଛି ଯେ ଏହା ମଧ୍ୟରେ ରିଟ୍ ଆବେଦନ ବିଚାରାଧିନ ଥିବା ସମୟରେ ବିପରୀତ ପକ୍ଷ ନଂ. ୫ ଙ୍କୁ ୨୭.୧୧.୨୦୨୦ ତାରିଖରେ କାର୍ଯ୍ୟ ଆଦେଶ ଜାରି କରାଯାଇଛି ଏବଂ ସେ ୧ ଡ଼ିସେମ୍ବର, ୨୦୨୦ ରୁ କାର୍ଯ୍ୟ ଯୋଗାଣ ଆରମ୍ଭ କରିଛନ୍ତି । ଏହା ନିଃସନ୍ଦେହରେ ରିଟ୍ ଆବେଦନର ବିଚାରାଧୀନ ସମୟରେ କରାଯାଇଥିବା ଏକ ବିକାଶ ପ୍ରକ୍ରିୟା ଏବଂ ଯେହେତୁ ଏହା ବିଚାରାଧୀନ

ମକଦ୍ଦମା (ଲିସ୍ ପେଣ୍ଡେନ୍ସ) ର ନୀତି ଦ୍ୱାରା ପରିଚାଳିତ ଏବଂ ଅବଶ୍ୟ ଏହି ପରି ବିକାଶ ଏହି ସମୟ ମଧ୍ୟରେ ଘଟିଥିଲା ଏହା ରିଟ୍ ଆବେଦନର ଶେଷ ଫଳାଫଳ ଉପରେ ନିୟନ୍ତ୍ରଣାଧିନ ଅଟେ ।

୧୪- ଉପରୋକ୍ତ ଆଲୋଚନାକୁ ଦୃଷ୍ଟିରେ ରଖି ଯେହେତୁ ଆବେଦନକାରୀଙ୍କ ବିଡ୍ ବେଆଇନ୍ ଭାବରେ ପ୍ରତ୍ୟାଖ୍ୟାନ ହୋଇଛି ଏବଂ ଟେଣ୍ଡର କଲ ବିଜ୍ଞପ୍ତିର ସର୍ତ୍ତ ବିରୁଦ୍ଧ ଅଟେ ଏବଂ ଆବେଦନକାରୀ ସ୍ୱତନ୍ତ୍ର ଭାବେ କହିଛନ୍ତି ଯେ ଆର୍ଥିକ ବିଡ୍‌ରେ ସେ ସର୍ବନିମ୍ନ ଥିଲେ ଯାହାକୁ ବିପରୀତ ପକ୍ଷ ଚତୁରତାର ସହିତ ଉତ୍ତର ଦେଇନାହାନ୍ତି, ଆବେଦନକାରୀଙ୍କ ବିଡ଼କୁ ପ୍ରତ୍ୟାଖ୍ୟାନ କରିବା ଏବଂ ଚୁକ୍ତିନାମା ପ୍ରଦାନ ଉଦ୍ଦେଶ୍ୟରେ ବିପରୀତ ପକ୍ଷଙ୍କ କାର୍ଯ୍ୟକୁ ନିର୍ବିଘ୍ନରେ ମନ୍ଦ ଉଦ୍ଦେଶ୍ୟ କାର୍ଯ୍ୟ ବୋଲି ମତ ଦିଆଯାଇ ପାରିବ । ସେହି ଅନୁଯାୟୀ ସଂଲଗ୍ନ ଏଫ୍/୩ ଅଧୀନରେ ୨୭ ନଭେମ୍ବର, ୨୦୨୦ ର ଆଦେଶରେ ପ୍ରଦାନ କରାଯାଇଥିବା ଚୁକ୍ତିନାମା ନାକଚ କରାଗଲା ।

୧୫- ଫଳସ୍ୱରୂପ, ଆନେକ୍ସର ଏଫ୍/୩ କୁ ନାକଚ କରିବା ସମୟରେ ବିପରୀତ ପକ୍ଷ ନଂ. ୧ ରୁ ୩ ଆବେଦନକାରୀଙ୍କ ସପକ୍ଷରେ କାର୍ଯ୍ୟ ଆଦେଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ଯଦି ତାଙ୍କର ଆର୍ଥିକ ବିଡ୍ ବିପରୀତ ପକ୍ଷ ନଂ. ୫ ଠାରୁ କମ୍ ପାୟାଯାଏ, ତେବେ ଯୋଗାଣ କାର୍ଯ୍ୟ ୧ ମାର୍ଚ୍ଚ ୨୦୨୧ ରୁ ଆରମ୍ଭ ହେବ । କହିବା ବାହୁଲ୍ୟ ଯେ ବିପରୀତ ପକ୍ଷ ନଂ. ୫, ୨୮ ଫେବୃଆରୀ ୨୦୨୧ ପର୍ଯ୍ୟନ୍ତ ଯୋଗାଣ ଜାରି ରଖିପାରନ୍ତି ।

୮- ଅପିଲକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଓକିଲ ଶ୍ରୀ ସିଦ୍ଧାର୍ଥ ଡ଼ାଭେ ଯୁକ୍ତି ଦର୍ଶାଇଛନ୍ତି ଯେ ହାଇକୋର୍ଟ କର୍ତ୍ତୃପକ୍ଷଙ୍କର ଏହାଙ୍କ ନିଜ ଟେଣ୍ଡର ପଠନ କରିବାକୁ ଦ୍ୱିତୀୟ ଅନୁମାନ କରିପାରୁନାହାନ୍ତି ଏବଂ ଧାରଣା ଦେଇଛନ୍ତି ଯେ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ, ୧୯୫୬ (ଓଡ଼ିଶା ଆକ୍ଟ) ଅଧୀନରେ ଦିଆଯାଇଥିବା ଏକ ପଞ୍ଜୀକରଣ ପ୍ରମାଣପତ୍ର କର୍ତ୍ତୃପକ୍ଷଙ୍କ ଆବଶ୍ୟକତା ଅନୁଯାୟୀ ଚୁକ୍ତିନାମା ଶ୍ରମ (ନିୟମାବଳୀ ଏବଂ ରଦ୍ଦ) ଅଧିନିୟମ, ୧୯୭୦ "ଚୁକ୍ତିନାମା ଶ୍ରମ ଅଧିନିୟମ" ଅନୁଯାୟୀ ଏକ ଶ୍ରମ ଲାଇସେନ୍ସକୁ ବଦଳାଇପାରେ । ସେ ଆହୁରି ମଧ୍ୟ ଯୁକ୍ତି କରିଛନ୍ତି ଯେ ଧାରା ୬-୩-୩ ରେ ଥିବା ଆବଶ୍ୟକତା ଅନୁଯାୟୀ ସର୍ବନିମ୍ନ ତିନି ବର୍ଷର ଅଭିଜ୍ଞତା ଅନୁପସ୍ଥିତ ରହିଛି, ଯେହେତୁ ପ୍ରତିବାଦୀ ନଂ. ୧ ଦ୍ୱାରା ପ୍ରଦାନ କରାଯାଇଥିବା ଅଭିଜ୍ଞତା ପ୍ରମାଣପତ୍ରରେ ୬.୮.୨୦୧୭ ରୁ ୩୧.୦୭.୨୦୧୮ ମଧ୍ୟରେ ସମୟ ବ୍ୟବଧାନ ରହିଥିଲା, ଯାହାକି ନିଷ୍ପତ୍ତି କରିହେବ ନାହିଁ ଏବଂ ଭୁଲ ଭାବରେ ହାଇକୋର୍ଟଙ୍କ ଦ୍ୱାରା ନିଷ୍ପତ୍ତି ଗଠନ କରିବାକୁ ଚେଷ୍ଟା କରାଯାଇଥିଲା । ସେ ଏହା ମଧ୍ୟ ଯୁକ୍ତି କରିଛନ୍ତି ଯେ ଅପିଲକାରୀଙ୍କ ସପକ୍ଷରେ ଚୁକ୍ତିନାମା ପ୍ରଦାନରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଦୁର୍ଭାବପୂର୍ବକ ଅଟେ ଏବଂ ପୁନଃ ଯୁକ୍ତି କଲେ ଯେ ଅପିଲକାରୀଙ୍କ ସପକ୍ଷରେ କାର୍ଯ୍ୟ ଆଦେଶ ନାକଚ କରିବା ପରେ ହାଇକୋର୍ଟ ପ୍ରତିବାଦୀ ନଂ. ୧ ଙ୍କୁ କାର୍ଯ୍ୟ

ଆଦେଶ ପ୍ରଦାନ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ଏହାଙ୍କର କ୍ଷେତ୍ରାଧିକାର ଅତିକ୍ରମ କରିଛନ୍ତି ।

୯- ପ୍ରତିବାଦୀ ନଂ.୯ ପକ୍ଷରୁ ଉପସ୍ଥିତ ଥିବା ପରାମର୍ଶଦାତା ଶ୍ରୀ ଆଦିତ୍ୟ କୁମାର ଚଉଧୁରୀ ଉପରୋକ୍ତ ପ୍ରତ୍ୟେକ ଉପସ୍ଥାପନାକୁ ବିରୋଧ କରିଥିଲେ । ସେ ଦର୍ଶାଇଛନ୍ତି ଯେ ଚୁକ୍ତିନାମା ଶ୍ରମ ଅଧିନିୟମର ଧାରା ୧ (୪) ଅନୁଯାୟୀ ଏହି ନିୟମ କେବଳ ଏକ ପ୍ରତିଷ୍ଠାନରେ ଲାଗୁ ହେବ ଯେଉଁଥିରେ ୨୦ କିମ୍ବା ଅଧିକ ଶ୍ରମିକ ନିୟୋଜିତ ହେବେ । ଯେହେତୁ ଟେଣ୍ଡର କଲ୍ ବିଜ୍ଞପ୍ତିରେ ଆବଶ୍ୟକତା ନଥିଲା ଯେ ଆବେଦନ କରିଥିବା ପ୍ରତିଷ୍ଠାନ/ଫାର୍ମ ର ୨୦ କିମ୍ବା ଅଧିକ କର୍ମୀ ଅଛନ୍ତି, ଏହା ସ୍ପଷ୍ଟ ଯେ ଏହା ସେହି ଅଧିନିୟମ ନୁହେଁ ଯାହା ଧାରା ୬.୩.୯ ର ବିଷୟବସ୍ତୁ ଥିଲା, କିନ୍ତୁ ଏହା ଓଡ଼ିଶା ଅଧିନିୟମ ଥିଲା ଯେଉଁ ଅନୁଯାୟୀ ପଞ୍ଜୀକରଣ ପ୍ରମାଣପତ୍ର ପ୍ରତିବାଦୀ ନଂ. ୧ ଦ୍ୱାରା ହାଇକୋର୍ଟଙ୍କ ସନ୍ତୁଷ୍ଟତା ପାଇଁ ଉପ୍ଦାଦିତ ହୋଇଥିଲା । ସେ ମଧ୍ୟ ଏହି ଯୁକ୍ତିକୁ ପ୍ରତିହତ କରିଥିଲେ ଯେ ପ୍ରତିବାଦୀ ନଂ.୧ ମାମଲାରେ ତିନି ବର୍ଷର ଅଭିଜ୍ଞତା ବୁଝାଯାଇନଥିଲା ଏବଂ ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା ଜାରି କରାଯାଇଥିବା କିଛି ପ୍ରମାଣପତ୍ରକୁ ସୂଚିତ କରିଥିଲେ, ଯାହା ସ୍ପଷ୍ଟ କଲା ଯେ ଏହାର ଏପରି ଅଭିଜ୍ଞତା ଥଇଲା । ସେ ଯୁକ୍ତି ବାଢ଼ିଛନ୍ତି ଯେ ବର୍ତ୍ତମାନ ମାମଲାରେ କର୍ତ୍ତୃପକ୍ଷଙ୍କୁ ଦୁର୍ଭାବ-ପୂର୍ବକ ଆରୋପିତ କରି ହାଇକୋର୍ଟ ନ୍ୟାୟିକ ସମୀକ୍ଷାର ସୀମା ଅତିକ୍ରମ କରିନାହାନ୍ତି ଏବଂ ଯୁକ୍ତି ବାଢ଼ିଛନ୍ତି ଯେ କେବଳ ଯଦି ଏହା ପାୟାଗଲା ଯେ ଅପିଲକାରୀଙ୍କ ତୁଳନାରେ ଏହାଙ୍କର ଆର୍ଥିକ ବିଡ୍ କମ୍ ଥିଲା, ତେବେ ପ୍ରତିବାଦୀ ନଂ.୧ ଙ୍କୁ ଚୁକ୍ତିନାମା ପ୍ରଦାନ କରାଯିବାର ଥିଲା ।

୧୦- ଅପିଲକାରୀ ଏବଂ ପ୍ରତିବାଦୀ ନଂ.୧ଙ୍କ ତରଫରୁ ହାଜର ହୋଇଥିବା ପରାମର୍ଶଦାତାଙ୍କୁ ଶୁଣିବା ପରେ ଏଥିରୁ ସ୍ପଷ୍ଟ ଯେ ବିଡ଼ରଙ୍କ ଦ୍ୱାରା ଦାଖଲ ହେବାକୁ ଥିବା ଲାଇସେନ୍ସ ଚୁକ୍ତିନାମା ଶ୍ରମ ଅଧିନିୟମ ଅଧୀନ ଶ୍ରମ ଲାଇସେନ୍ସ ଭାବରେ ସୂଚାଇବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷ ଏହାଙ୍କ ନିଜସ୍ୱ ଟେଣ୍ଡର କଲ ବିଜ୍ଞପ୍ତି ସଠିକ୍ ବୋଲି ସୂଚିତ କରିଛନ୍ତି । ସାମଗ୍ରିକ ଭାବରେ ଟେଣ୍ଡର ଦଲିଲ ପଠନରେ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଏବଂ ବିଶେଷ ଭାବରେ ଧାରା ୬.୨୦.୬, ୬.୨୦.୨୦ ଏବଂ ୬.୨୦.୨୧ ଯାହା ନିମ୍ନମତେ ପଠନ କରାଯାଏ :

> ‘‘୬.୨୦ ବିଡ଼ରଙ୍କ ପାଇଁ ସାଧାରଣ ସୂଚନା :
>
> XXX XXX XXX
>
> ୬- ରାନ୍ଧିବା ଏବଂ ପରିବେଷଣ କରିବା ପାଇଁ ଏଜେନ୍ସି ଆବଶ୍ରକ ସଂଖ୍ୟକ କର୍ମଚାରୀ ନିଯୁକ୍ତ କରିବେ ଯାହା ଦ୍ୱାରା ଅନ୍ତର୍ବାସୀ ରୋଗୀଙ୍କୁ ଠିକ୍

ସମୟରେ ଖାଦ୍ୟ ଯୋଗାଇ ଦିଆଯାଇ ପାରିବ । ସେମାନଙ୍କର ଆଧାର କାର୍ଡ଼ ନକଲ ସହିତ କର୍ମଚାରୀଙ୍କ ତାଲିକା ନିଶ୍ଚିତ ଭାବେ କାର୍ଯ୍ୟାଳୟରେ ଦାଖଲ କରାଯିବା ଉଚିତ୍ ।

xxx xxx xxx

୨୦- ରୋଗୀ/ପରିଚାରକଙ୍କ ପ୍ରତି ଏଜେନ୍ସିର କର୍ମଚାରୀଙ୍କ ଆଚରଣ ଅନୁକୂଳ ହେବା ଉଚିତ୍ ଏବଂ ସମ୍ପୃକ୍ତ ଏଜେନ୍ସି ସହିତ ପରାମର୍ଶ କରି ଆଚରଣ ବିଧି ଉଲ୍ଲଘଂନ କରୁଥିବା ଉକ୍ତ ଏଜେନ୍ସିର କର୍ମଚାରୀଙ୍କ ବିରୋଧରେ ଡ଼ାକ୍ତରଖାନା ପ୍ରଶାସନ ତରଫରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

୨୧- କର୍ମଚାରୀ ଧର୍ମଘଟ, ସ୍ଥାନୀୟ ଧର୍ମଘଟ (ବନ୍ଦ/ହରତାଳ) ଇତ୍ୟାଦି ପରିସ୍ଥିତିରେ ରୋଗୀମାନଙ୍କୁ ଉପଯୁକ୍ତ ସମୟରେ ଖାଦ୍ୟ ପାଇବାକୁ ନିଶ୍ଚିତ କରିବାକୁ ଏଜେନ୍ସି ବିକଳ୍ପ ବ୍ୟବସ୍ଥା କରିବାର ଦାୟିତ୍ୱ ନେବେ ।''

ଉପଧାରା ୨୦ ଏବଂ ୨୧ ବିଶେଷ ଭାବରେ ଏହା ସ୍ପଷ୍ଟ କରେ ଯେ ନିୟୋଜିତ କର୍ମଚାରୀ ମାନେ ଏଜେନ୍ସି ଦ୍ୱାରା ଚୁକ୍ତିଭିତ୍ତିକ ଶ୍ରମ ଭାବେ ନିୟୋଜିତ ହେବେ, ଯେଉଁଠାରେ ସେମାନଙ୍କ କର୍ମଚାରୀ ମାନେ ଧର୍ମଘଟ କରନ୍ତି, ସେହି କ୍ଷେତ୍ରରେ ବିକଳ୍ପ ବ୍ୟବସ୍ଥା କରିବାକୁ ଏଜେନ୍ସି ଦାୟୀ ଅଟେ ।

୧୧- ଏହି ଅଦାଲତ ବାରମ୍ବାର ଧାରଣା ଦେଇଛନ୍ତି ଯେ ଏହି ମାମଲା ଗୁଡ଼ିକରେ ନ୍ୟାୟିକ ସମୀକ୍ଷା ଏହି ମାମଲା ଗୁଡ଼ିକରେ ନ୍ୟାୟିକ ପ୍ରତିବନ୍ଧକ ସହିତ ସମାନ । ଯାହା ସମୀକ୍ଷା କରାଯାଏ ତାହା ନିଜେ ନିଷ୍ପତ୍ତି ନୁହେଁ ବରଂ ଏହା କିପରି କରାଯାଇଥିଲା । କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ପାଇଁ ଏହାର ନିଜସ୍ୱ ନିଷ୍ପତ୍ତି ବଦଳାଇ ଏପରି ନିଷ୍ପତ୍ତି ସଂଶୋଧନ କରିବାକୁ ରିଟ୍ ଅଦାଲତର ଅଭିଜ୍ଞତା ନାହିଁ । ପ୍ରସିଦ୍ଧ ମାମଲା ଟାଟା ସେଲୁଲାର ବନାମ ୟୁନିୟନ ଅଫ୍ ଇଣ୍ଡିଆ, (୧୯୯୪)୬ ଏସ.ସି.ସି ୬୫୧, ଅନୁଚ୍ଛେଦ ୯୪ରେ ଏହା ସ୍ପଷ୍ଟ ଭାବେ ଅନୁଷ୍ଠିତ ହୋଇଛି, ଯାହା ନିମ୍ନମତେ ପଠନ କରାଯାଏ :

୯୪-ଉର୍ଦ୍ଧ୍ୱଭାଗରୁ ଅନୁମେୟ ନୀତି ଗୁଡ଼ିକ ହେଉଛି :

(୧) ଆଧୁନିକ ଧାରା ପ୍ରଶାସନିକ କାର୍ଯ୍ୟରେ ନ୍ୟାୟିକ ପ୍ରତିବନ୍ଧକକୁ ସୂଚିତ କରେ ।

(୨) ଅଦାଲତ ଏକ ଅପିଲ କୋର୍ଟ ଭାବରେ ବସନ୍ତିନାହିଁ, କିନ୍ତୁ କେବଳ ନିଷ୍ପତ୍ତି ନିଆଯାଇଥିବା ପଦ୍ଧତିକୁ ସମୀକ୍ଷା କରିଥାନ୍ତି ।

(୩) ପ୍ରଶାସନିକ ନିଷ୍ପତ୍ତି ସଂଶୋଧନ କରିବାକୁ ଅଦାଲତର ବିଶେଷ ଜ୍ଞାନ ନାହିଁ । ଯଦି ପ୍ରଶାସନିକ ନିଷ୍ପତ୍ତିର ସମୀକ୍ଷାକୁ ଅନୁମତି ଦିଆଯାଏ ତେବେ ଏହା ନିଜସ୍ୱ ନିଷ୍ପତ୍ତି ବଦଳାଇବ, ଆବଶ୍ୟକ ଜ୍ଞାନ କୌଶଳ ବିନା ଯାହା ନିଜେ ଭ୍ରମଶୀଳ ହୋଇପାରେ ।

(୪) ଟେଣ୍ଡର ନିମନ୍ତ୍ରଣର ସର୍ତ୍ତାବଳୀ ନ୍ୟାୟିକ ଯାଞ୍ଚ ପାଇଁ ଖୋଲା ରହିପାରିବ ନାହିଁ, କାରଣ ଟେଣ୍ଡର ନିମନ୍ତ୍ରଣ ଚୁକ୍ତିନାମା ପରିସରରେ ଅଛି । ସାଧାରଣତଃ ଟେଣ୍ଡର ଗ୍ରହଣ କିମ୍ବା ଚୁକ୍ତିନାମା ପ୍ରଦାନ କରିବାକୁ ନିଷ୍ପତ୍ତି ଅନେକ ପର୍ଯ୍ୟାୟ ମାଧ୍ୟମରେ ବୁଝାମଣା ପ୍ରକ୍ରିୟା ଦ୍ୱାରା ପହଞ୍ଚିଥାଏ । ପ୍ରାୟତଃ ନୁହେଁ, ବିଶେଷଜ୍ଞଙ୍କ ଦ୍ୱାରା ଏହିପରି ନିଷ୍ପତ୍ତି ଗୁଣାତ୍ମକ ଭାବରେ ନିଆଯାଏ ।

(୫) ସରକାରଙ୍କର ଚୁକ୍ତିନାମା ସ୍ୱାଧୀନତା ରହିବା ଜରୁରୀ । ଅନ୍ୟ ଅର୍ଥରେ ଯୁଗ୍ମରେ ଏକ ନ୍ୟାୟୋଚିତ ବ୍ୟବହାର ଏକ ପ୍ରଶାସନିକ କ୍ଷେତ୍ର କିମ୍ବା ଆପାତତଃ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ପ୍ରଶାସନିକ ସଂସ୍ଥା ପାଇଁ ଏକ ଆବଶ୍ୟକୀୟ ସମନ୍ୱୟ । ଅବଶ୍ୟ, ଏହି ନିଷ୍ପତ୍ତି କେବଳ ୱେଡ୍‌ନେସବରୀ ନ୍ୟାୟ ସଙ୍ଗତ ସିଦ୍ଧାନ୍ତ (ଉପରୋକ୍ତ ଅନ୍ୟ ତଥ୍ୟ ଗୁଡ଼ିକ ଅନ୍ତର୍ଭୁକ୍ତ କରି) ର ପ୍ରୟୋଗ ଦ୍ୱାରା ପରୀକ୍ଷା କରାଯିବା ଉଚିତ୍ ନୁହେଁ ; କିନ୍ତୁ ଏହା ପକ୍ଷପାତିତା ଦ୍ୱାରା ପ୍ରଭାବିତ ନହୋଇ କିମ୍ବା ମନ୍ଦ ଭାବନା ପ୍ରଣୋଦିତ ନହୋଇ ସ୍ୱେଚ୍ଛାଚାର ମୁକ୍ତ ହେବା ଆବଶ୍ୟକ ।

(୬) ନିଷ୍ପତ୍ତି ଗୁଡ଼ିକର ନାକଚ ପ୍ରଶାସନ ଉପରେ ଭାରୀ ପ୍ରଶାସନିକ ବୋଝ ଲଦି ଦେଇପାରେ ଏବଂ ବର୍ଦ୍ଧିତ ତଥା ବଜେଟ୍ ବିହୀନ ଖର୍ଚ୍ଚକୁ ବାଟ ଦେଖାଇପାରେ ।

xxx xxx xxx

୧୨- ସମାନ ଭାବରେ ଏହି କୋର୍ଟ ଆଫକନସ୍ ଇନଫ୍ରାଷ୍ଟ୍ରକଚର ଲିଃ ବନାମ ନାଗପୁର ରେଲ କରପୋରେସନ୍ ଲିଃ (୨୦୧୬) ୧୬ ଏସ୍ ସି ସି ୮୧୮ ("ଆଫକନ୍ସ") କେସ୍‌ରେ ଏହିପରି ଭାବରେ କହିଛନ୍ତି :

"୧୪ ଆମକୁ ସତର୍କତାର ସହିତ ଶବ୍ଦକୁ ଦୋହରାଇବାକୁ ପଡ଼ିବ ଯେ ରମଣା ଦୟାରାମ ସେଟି ବନାମ ଆନ୍ତର୍ଜାତୀୟ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ (୧୯୭୯) ୩ ଏସ୍ ସି ସି ୪୮୯) ରେ ୪୦ ବର୍ଷ ପୂର୍ବେ ନିଷ୍ପତ୍ତି ନିଆଯାଇଥିବା ସମୟରୁ ଏହି ଅଦାଲତ ଦର୍ଶାଇଛନ୍ତି ଯେ ଟେଣ୍ଡର ଡ଼କ୍ୟୁମେଣ୍ଟରେ ବ୍ୟବହୃତ ଶବ୍ଦକୁ ଅଣଦେଖା କରାଯାଇପାରିବ ନାହିଁ କିମ୍ବା ଅନାବଶ୍ୟକ ଭାବରେ ବ୍ୟବହାର କରାଯାଇପାରିବ ନାହିଁ ଅର୍ଥାତ ସେମାନଙ୍କୁ ଆବଶ୍ୟକୀୟ ମହତ୍ୱ ଦିଆଯିବା ଆବଶ୍ୟକ । ଏହି ପ୍ରସଙ୍ଗରେ ବିଡ଼ ଡ଼କ୍ୟୁମେଣ୍ଟ ଗୁଡ଼ିକର ଧାରା-୧୧୧, ଉପଧାରା ୪.୨ (କ) ରେ "ମେଟ୍ରୋ" ଶବ୍ଦର ବ୍ୟବହାର ଏବଂ ସାଧାରଣ ଭାବରେ ଏହାର ସଂଯୋଗକୁ ଅଣଦେଖା କରାଯାଇ ପାରିବ ନାହିଁ ।

୧୫. ଆମେ ଏଠାରେ ଯୋଡ଼ି ପାରିବା ଯେ, ଏକ ପ୍ରକଳ୍ପର ମାଲିକ କିମ୍ବା ନିଯୁକ୍ତିଦାତା ଟେଣ୍ଡର ଡ଼କ୍ୟୁମେଣ୍ଟ ଗୁଡ଼ିକୁ ବ୍ୟାଖ୍ୟା କରିବା ପାଇଁ ସର୍ବୋତ୍ତମ ବ୍ୟକ୍ତି । ସାମ୍ବିଧାନିକ ଅଦାଲତ କୁଡ଼ିକ ଟେଣ୍ଡର ସର୍ତ୍ତ ଗୁଡ଼ିକରେ ଏହି ବୁଝାମଣା ଏବଂ ପ୍ରଶଂସାକୁ ସ୍ଥଗିତ ରଖିବା ଆବଶ୍ୟକ । ଏଠାରେ ଏହା ସମ୍ଭବ ଯେ ଏକ ପ୍ରକଳ୍ପର ମାଲିକ କିମ୍ବା ନିଯୁକ୍ତିଦାତା ଟେଣ୍ଡର ଡ଼କ୍ୟୁମେଣ୍ଟ ଗୁଡ଼ିକୁ ଏହିପରି ଭାବରେ ବ୍ୟାଖ୍ୟା କରାଯାଇପାରେ, ଯାହା ସାମ୍ବିଧାନିକ ଅଦାଲତ ଗୁଡ଼ିକରେ ଗ୍ରହଣୀୟ ନୁହେଁ କିନ୍ତୁ ଏହା ନିଜେ ଦିଆଯାଇଥିବା ବ୍ୟଖ୍ୟାରେ ହସ୍ତକ୍ଷେପ କରିବାର କାରଣ ନୁହେଁ ।

ଆଇନର ଏହି ମତ ପରବର୍ତ୍ତୀ ସମୟରେ ବାରମ୍ବାର ଅନୁସରଣ କରାଯାଇଛି – ମଣ୍ଟିକାର୍ଲୋ ଲିଃ ବନାମ ଏନ୍‌ଟିପିସି ଲିଃ (୨୦୧୬) ୧୫ ଏସ ସି ସି ୨୬୧ (ପାରା ୨୫ରେ), କେୟାରଟେଲ ଇନଫୋଟେକ ଲିଃ ବନାମ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିଃ. (୨୦୧୯) ୧୪ ଏସ ସି ସି ୮୧ (ପାରା ୩୮ଓ ୩୯) ଏବଂ ଷ୍ଟେଟ୍ ଅଫ ମଧ ପ୍ରଦେଶ ବନାମ ଉତ୍ତର ପ୍ରଦେଶ ବ୍ରିଜ୍ କର୍ପୋରେସନ ଲିଃ. ୨୦୨୦ ଏସ ସି ସି ଅନଲାଇନ ଏସସି ୨୦୦୧ (ପାରା ୨୪ ରୁ ୨୬) ଦେଖନ୍ତୁ ।

୧୩- ଗାଲାକ୍ସି ଟ୍ରାନ୍ସପୋର୍ଟ ଏଜେନ୍ସିଜ ବନାମ ନିୟୁ ଜେ.କେ. ରୋଡ଼ୱେଜ୍, ୨୦୨୦ ଏସସିସି ଅନଲାଇନ ଏସସିସି ୧୦୩୫ କେସର ପାରା-୧୫ କୁ ସୂଚାଇବା ପରେ (ପୂର୍ବରେ) ଏହିପରି ଭାବରେ କୁହାଯାଇଥିଲା ଯେ –

"୧୫. ଭାରତ କୁକିଙ୍ଗ କୋଲ୍ ଲିଃ. ବନାମ ଏଏମ୍‌ଆର ଦେବ୍ ପ୍ରଭା, ୨୦୨୦ ଏସସିସି ଅନଲାଇନ ଏସ୍‌ସି ୩୩୫, କେସର ବିଚାର ମାଧ୍ୟମରେ ଏହି ଅଦାଲତ କର୍ତ୍ତୃପକ୍ଷଙ୍କ ବ୍ୟଖ୍ୟା ସମ୍ମାନାର୍ଥେ ଶିର୍ଷକ ଆଧାରରେ ଏହିପରି ଭାବରେ କହିଛନ୍ତି :- ୫୧. ଶେଷରେ, ଆମେ ଅନ୍ୟ ଏକ ମୌଳିକ ସମସ୍ୟାର ମୁକାବିଲା କରିବା ଆବଶ୍ୟକ

ବୋଲି ମନେ କରୁ । ଏହା ସ୍ପଷ୍ଟ ଯେ ପ୍ରତିବାଦୀ ସଂଖ୍ୟା-୧ କେବଳ ଏନ୍‌ଆଇଟି ର ସର୍ତ୍ତାବଳୀ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରେ । ଏହିପରି ଚୁକ୍ତିଭିତ୍ତିକ ନିବନ୍ଧନ କୁ ବ୍ୟାଖ୍ୟା କରାଯାଇଛି । ଅବଶ୍ୟ ଏହା ମନେ ରଖିବାକୁ ହେବ ଯେ ବାଣିଜ୍ୟ କ୍ଷେତ୍ରରେ ଚୁକ୍ତିନାମା ଗୁଡ଼ିକର ନ୍ୟାୟିକ ବ୍ୟାଖ୍ୟା କୁ ଏକ ପୃଥକ ସ୍ଥିତି ପ୍ରଦାନ କରିଥାଏ ଯେତେବେଳେ ବିଧାନ/ଆଇନ କୁ ତର୍ଜମା କରାଯାଇଥାଏ ।

୫୨. ବର୍ତ୍ତମାନର ତଥ୍ୟରେ ଏହା ସ୍ପଷ୍ଟ ହୋଇଛି ଯେ ବିସିସିଏଲ ଏବଂ ଭାରତ, ଏନ୍‌ଆଇଟିର ଧାରାକୁ ଅନୁଧାନ କରିଛନ୍ତି, କାର୍ଯ୍ୟଦକ୍ଷତା ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିବାରେ ପ୍ରତିବାଦୀ ସଂ. ୬ ର ବିଳମ୍ବ ହେବାର ଯଥାର୍ଥତା ହେଉ କିମ୍ବା ବୈଷୟିକ ବିଫଳତା କାରଣରୁ ନିଲାମ ପୁନଃ ଆରମ୍ଭ କରିବାକୁ ନିଷ୍ପତ୍ତି ନେବା । ବିସିସିଏଲ୍ ଏହି ଡ଼କ୍ୟୁମେଣ୍ଟ ଗୁଡ଼ିକ ଲେଖିଛି, ସେମାନଙ୍କର ଆବଶ୍ୟକତାକୁ ପ୍ରଶଂସା କରିବା ଏବଂ ବ୍ୟାଖ୍ୟା କରବି ପାଇଁ ଉତ୍ତମ ଭାବରେ ସ୍ଥାନିତ ହୋଇଛି । (ଆଫକନସ୍ ଇନଫ୍ରାଷ୍ଟ୍ରକଚର ଲିଃ. ବନାମ ନାଗପୁର ମୋଟ୍ରୋ ରେଲ କରପୋରେସନ ଲିଃ (୨୦୧୬) ୧୬ ଏସ୍‌ସିସି ୮୧୮)

୫୩. ଉଚ୍ଚ ନ୍ୟାୟାଳୟ ଏହି ସବୁ ବୁଝାମଣାକୁ ସ୍ଥଗିତ ରଖିବା ଉଚିତ୍ ଯଦି ଏହା ପୃଥକ ଭାବରେ ବିକୃତ କିମ୍ବା ମନ୍ଦଉଦ୍ଦେଶ୍ୟ ଯୁକ୍ତ ହୋଇଥିବ । ଏହି ଧାରା ଗୁଡ଼ିକରେ ବିସିସିଏଲର ବ୍ୟାଖ୍ୟା କିପରି ଯୁକ୍ତିଯୁକ୍ତ ଏବଂ ଅବୈଧ ନୁହେଁ, କେବଳ ଚୁକ୍ତିଭିତ୍ତିକ ବ୍ୟାଖ୍ୟା ରେ ମତ ପାର୍ଥକ୍ୟ କୁ ଆଧାର କରି ଆବେଦନକାରୀ ବେଆଇନ କାମ କରିଛନ୍ତି ବୋଲି ଉଚ୍ଚ ନ୍ୟାୟାଳୟ ଉକ୍ତ ସିଦ୍ଧାନ୍ତରେ ପହଞ୍ଚିବା ଉଚିତ୍ ନୁହେଁ ।

(ମୂଳରେ ଗୁରୁତ୍ୱ)

୧୬. ପୁନଃ ସିଲ୍ପି କନଷ୍ଟ୍ରକ୍ସନ୍ସ କଣ୍ଟ୍ରାକ୍ଟରସ ବନାମ ୟୁନିୟନ ଅଫ ଇଣ୍ଡିଆ, ୨୦୧୯, ଏସ୍‌ସିସି ଅନଲାଇନ ଏସସି ୧୧୩୩, କେସର ସମ୍ପ୍ରତି ବିଚାର ଆଧାରରେ ଏହି ଅଦାଲତ ନିମ୍ନଲିଖିତ ଭାବରେ କହିଛନ୍ତି ଯେ –

୨୦. ଉପରୋକ୍ତ ବିଚାର ଗୁଡ଼ିକରେ ରଖାଯାଇଥିବା ଆଇନର ମୂଳ ବିଷୟ ହେଉଛି ସଂଯମତା ଏବଂ ସତର୍କତାର ଅଭ୍ୟାସ; ରାଜ୍ୟ ଅଭିକର୍ତ୍ତୃତ୍ୱ ମାନଙ୍କ ସହିତ ଜଡ଼ିତ ଚୁକ୍ତିନାମା ମାମଲାରେ ନ୍ୟାୟିକ ହସ୍ତକ୍ଷେପକୁ ଯଥାର୍ଥତା ଦେବା ପାଇଁ ଜନ ସାଧାରଣଙ୍କ ସ୍ୱାର୍ଥର ଆବଶ୍ୟକତା ; ବିଶେଷଜ୍ଞ ଙ୍କ ମତକୁ ଅଦାଲତ ଗୁରୁତ୍ୱ ଦେବା ଉଚିତ୍ ଯଦି ନିଷ୍ପତ୍ତି ସମ୍ପୂର୍ଣ୍ଣ ଇଚ୍ଛାଧୀନ କିମ୍ବା ଯୁକ୍ତିଯୁକ୍ତ ନୁହେଁ । କୋର୍ଟ ଉପଯୁକ୍ତ ପ୍ରାଧିକରଣ ଉପରେ ଅପିଲ କୋର୍ଟ ପରି ବସିବେ ନାହିଁ ; କୋର୍ଟ ନିଶ୍ଚିତ ଭାବରେ

ଅନୁଭବ କରିବେ ଯେ ଟେଣ୍ଡର କାର୍ଯ୍ୟଭାରରେ ଥିବା କର୍ତ୍ତୃପକ୍ଷ ସର୍ବୋତ୍ତମ ବିଚାରପତି ଅଟନ୍ତି । ତେଣୁ, କୋର୍ଟର ହସ୍ତକ୍ଷେପ ସର୍ବନିମ୍ନ ହେବା ଉଚିତ୍ ।

୧୭. ଏହି ବିଚାର ଗୁଡ଼ିକ ଅନୁଯାୟୀ ଏବଂ ଏହି ମାମଲାରେ ଟେଣ୍ଡର କର୍ତ୍ତୃପକ୍ଷ ଙ୍କ ବ୍ୟାଖ୍ୟାକୁ ଅଯୌକ୍ତିକ ବୋଲି କୁହାଯାଇ ପାରିବ ନାହିଁ । ଦୁଇ ଜଣିଆ ଖଣ୍ଡପୀଠ ଏହାର ନିଜସ୍ୱ ବ୍ୟାଖ୍ୟା କରି ଏବଂ ଶବ୍ଦରୁ ସଠିକ୍ ବିଶ୍ୱାସ ନ କରି ଏଥିରେ ହସ୍ତକ୍ଷେପ କରିବା ଉଚିତ୍ ନୁହେଁ । ଏବଂ ଏନଆଇଟି ର ସର୍ତ୍ତ ସଂଖ୍ୟା-୩୧ ରେ ଦେଖାଯାଉଥିବା ଉଭୟ ଶବ୍ଦକୁ ଉପଯୁକ୍ତ ବିଶେଷତ୍ୱ ପ୍ରଦାନ କରୁନାହିଁ । ଏହି କାରଣରୁ, ଦୁଇଜଣିଆ ଖଣ୍ଡପୀଠ ଙ୍କର ସିଦ୍ଧାନ୍ତ ଜେକେ ରୋଡ଼-ୱେଜ୍ ଅନୁପଯୁକ୍ତ ବୋଲି ଭୁଲ ଭାବରେ ଘୋଷଣା କରାଯାଇଛି ଏବଂ ଅଲଗା ରାଖାଯାଇଛି ।

୧୪- ହାଇକୋର୍ଟ ଏହିପରି କୌଣସି ନିଷ୍ପତ୍ତିରେ ପ୍ରଭାବିତ ନ ହୋଇ, ଦ୍ୱିତୀୟ ଅନୁମାନ କରି ଶ୍ରମ ଅଧିନିୟମ ଚୁକ୍ତିନାମା ଅନୁଯାୟୀ, କର୍ତ୍ତୃପକ୍ଷ ଙ୍କ ଆବଶ୍ୟକତାରେ ଏହିପରି ପ୍ରସଙ୍ଗରେ ନ୍ୟାୟିକ ସମୀକ୍ଷାର ସୀମା ଅତିକ୍ରମ କରିଛି । ଯେ କୌଣସି କ୍ଷେତ୍ରରେ ଓଡ଼ିଶା ଆକ୍ଟର ଧାରା-୪ ଅନୁଯାୟୀ ଏକ ପଞ୍ଜିକରଣ ପ୍ରମାଣପତ୍ର ସମ୍ବତ ଶ୍ରମ ବିଭାଗ ଦ୍ୱାରା ଦିଆଯାଇଥିବା ଅବାଧ ଶ୍ରମ ଲାଇସେନ୍ସ ସହିତ ସମାନ ହୋଇପାରିବ ନାହିଁ । ଓଡ଼ିଶା ଆକ୍ଟ ଧାରା – ୪ ଏହିପରି ଭାବରେ ପଢାଯାଏ-

ପ୍ରତିଷ୍ଠାନର ପଞ୍ଜିକରଣ

"୪ – (୧) ଉପବିଭାଗ – ୪ ରେ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ପ୍ରତ୍ୟେକ ପ୍ରତିଷ୍ଠାନର ନିଯୁକ୍ତିଦାତା ନିର୍ଦ୍ଦିଷ୍ଟ ଫର୍ମରେ ଏକ ବିବୃତି ସହିତ ଦେୟ, କୁହାଯାଇଥିବା ପରି ସଂମ୍ପୃକ୍ତ ଅଞ୍ଚଳର ଇନସପେକ୍ଟରଙ୍କ ନିକଟକୁ ଏହି ପରି ଭାବରେ ପଠାଇବେ –

(କ) ନିଯୁକ୍ତିଦାତାଙ୍କ ନାମ, ତଥା ଯଦି କହି ମ୍ୟାନେଜର ଥାନ୍ତି ;

(ଖ) ପ୍ରତିଷ୍ଠାନର ଡ଼ାକ ଠିକଣା ;

(ଗ) ପ୍ରତିଷ୍ଠାନର ନାମ ଯଦି ଥାଏ ;

(ଘ) ପ୍ରତିଷ୍ଠାନର ଶ୍ରେଣୀ ଯେପରି ଏକ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, ହୋଟେଲ ରେଷ୍ଟୁରାଣ୍ଟ କାଫେ, ରହିବାସ୍ଥାନ କିମ୍ବା ଅନ୍ୟକୌଣସି ସାଧାରଣ ମନୋରଞ୍ଜନ ଜାଗା ହୋଇପାରେ ; ଏବଂ

(ଙ) ଅନ୍ୟ କୌଣସି ବିହିତ ବିବରଣୀ ହୋଇପାରେ ।

(୨) କୌଣସି ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କୁ କୌଣସି କର୍ମରେ ୬ ଘଣ୍ଟାରୁ ଅଧିକ କାର୍ଯ୍ୟକରିବାକୁ ଦିଆଯିବ ନାହିଁ ।

(୩) କୌଣସି ପ୍ରତିଷ୍ଠାନର ବର୍ଗ ଏବଂ କେଉଁ ଇନସପେକ୍ଟର ଙ୍କ ମଧ୍ୟରେ କୌଣସି ସନ୍ଦେହ କିମ୍ବା ମତଭେଦ ଥାଏ, କେଉଁ ବର୍ଗର ଏକ ପ୍ରତିଷ୍ଠାନ ରହିବା ଉଚିତ୍, ଇନସପେକ୍ଟର ଏହାକୁ ମୁଖ୍ୟ ଇନସପେକ୍ଟରଙ୍କ ନିକଟକୁ ପଠାଇବେ, ଯେପରି ଅନୁସନ୍ଧାନ ପରେ ନିର୍ଦ୍ଧାରିତ ହେବ, ଏହି ପ୍ରତିଷ୍ଠାନର ବର୍ଗ ଏବଂ ତାଙ୍କର ନିଷ୍ପତ୍ତି ଏହି ଆଇନର ଉଦ୍ଦେଶ୍ୟ ପାଇଁ ଅନ୍ତିମ ହେବ ।

(୪) ସ୍ତମ୍ଭ (୧) ରେ ଉଲ୍ଲେଖିତ ଏକ ପ୍ରତିଷ୍ଠାନ ସମ୍ବନ୍ଧରେ ନିମ୍ନରେ ସ୍ତମ୍ଭ (୨) ରେ ଉଲ୍ଲେଖିତ ତାରିଖ ଠାରୁ ୩୦ ଦିନ ମଧ୍ୟରେ ଉପ-ବିଭାଗ ଅଧିନରେ ଇନସପେକ୍ଟର ଙ୍କ ନିକଟରୁ ଦେୟ ସହିତ ବିବୃତି ପଠାଯିବ ।

| ପ୍ରତିଷ୍ଠାନ | ଯେଉଁ ତାରିଖ ଠାରୁ ୩୦ ଦିନର ଅବଧି ଆରମ୍ଭ ହେବ |
|---|---|
| (୧) | (୨) |
| (୧) ଯେଉଁ ଦିନ ଠାରୁ କାର୍ଯ୍ୟକାରୀ ସେହି ଦିନ ଠାରୁ ଏହି ଧାରା କାର୍ଯ୍ୟକାରୀ ହୋଇଛି ।<br>(୨) ନୂଆ ପ୍ରତିଷ୍ଠାନ । | ଯେଉଁ ଦିନ ଠାରୁ ଏହି ଧାରାକାର୍ଯ୍ୟକାରୀ ହୋଇଛି । |

ଏହି ବିଭାଗର ଏକ ପଠନ ଦର୍ଶାଇବ ଯେ ଓଡ଼ିଶା ଆକ୍ଟ ଅନୁଯାୟୀ ଏକ ପ୍ରତିଷ୍ଠାନର ପଞ୍ଜିକରଣ ହୋଇଛି-ଏକ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, ହୋଟେଲ ଇତ୍ୟାଦି ଭାବରେ ପ୍ରତିଷ୍ଠାନକୁ ଶ୍ରେଣୀଭୁକ୍ତ କରିବା । ଏବଂ ଏକ ଶ୍ରମ ଲାଇସେନ୍ସ ପ୍ରଦାନ ଉଦ୍ଦେଶ୍ୟରେ ନୁହେଁ, ଯାହା ବର୍ତ୍ତମାନର ଟିସିଏନ ପ୍ରସଙ୍ଗରେ କେବଳ ଶ୍ରମ ଅଧିନିୟମ ଚୁକ୍ତିନାମା ଅନୁଯାୟୀ ଏକ ଶ୍ରମ ଲାଇସେନ୍ସ ହୋଇପାରେ ।

୧୫- କଣ୍ଟ୍ରାକ୍ଟ ଲେବର ଆକ୍ଟର ଧାରା ୧(୪) କୁ ଦର୍ଶାଇ ପ୍ରତିବାଦୀ-୧ ର ଯୁକ୍ତି ସମ୍ପୂର୍ଣ୍ଣ ଭୁଲ ସ୍ଥାନିତ ହୋଇଛି । ଉକ୍ତ କାର୍ଯ୍ୟର ଧାରା ୧(୪) କୁ ନିମ୍ନଲିଖିତ ଭାବରେ ପଢାଯାଏ :-

"୧) ସଂକ୍ଷିପ୍ତ ଆଖ୍ୟା, ପରିମାଣ, ଆରମ୍ଭ ଏବଂ ପ୍ରୟୋଗ —

xxx xxx xxx

ହୋଇଛି ।

୪) ଏହା ପ୍ରଯୁଜ୍ୟ –

କ) ପ୍ରତ୍ୟେକ ପ୍ରତିଷ୍ଠାନରେ ଯେଉଁଥିରେ କୋଡ଼ିଏ କିମ୍ବା ଅଧିକ ଶ୍ରମିକ ନିୟୋଜିତ ହୋଇଥିବେ କିମ୍ବା ପୂର୍ବ ବାର ମାସର ଯେ କୌଣସି ଦିନ ଚୁକ୍ତି ଭିତ୍ତିକ ଶ୍ରମ ଭାବରେ ନିଯୁକ୍ତି ହୋଇଥିବେ ;

ଖ) ପ୍ରତ୍ୟେକ କଣ୍ଟ୍ରାକ୍ଟରକୁ ଯିଏ ପୂର୍ବ ବାର ମାସର କୌଣସି ଦିନରେ କୋଡ଼ିଏ କିମ୍ବା ଅଧିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ନିୟୋଜିତ କରେ କିମ୍ବା ନିଯୁକ୍ତି କରେ :

ସର୍ତ୍ତ ରହିଛି ଯେ ଉପଯୁକ୍ତ ସରକାର, ଏହାର ଉଦ୍ଦେଶ୍ୟ ବିଷୟରେ ଦୁଇମାସରୁ କମ୍ ନୋଟିସ୍ ଦେବା ପରେ, ସରକାରୀ ରାଜପତ୍ର ମାଧ୍ୟମରେ ବିଜ୍ଞପ୍ତି ଦ୍ୱାରା ଏହି କାର୍ଯ୍ୟର ନିୟମାବଳୀ ଯେକୌଣସି ପ୍ରତିଷ୍ଠାତା କିମ୍ବା କଣ୍ଟ୍ରାକ୍ଟରଙ୍କ ଉପରେ କୋଡ଼ିଏ ରୁ କମ୍ ଶ୍ରମିକଙ୍କୁ ନିୟୋଜିତ କରି ପାରନ୍ତି ତାହା ବିଜ୍ଞପ୍ତି ରେ ନିର୍ଦ୍ଦିଷ୍ଟ ଭାବରେ ଦର୍ଶାଯାଇଥିବ ।”

ଏହି ଆଇନର ଆବଶ୍ୟକତା ଯେ ଏହାର ପ୍ରାଯୁଜ୍ୟତା କେବଳ ସେହି ପ୍ରତିଷ୍ଠାନ ଗୁଡ଼ିକରେ ବିସ୍ତାର କରାଯିବ ଯେଉଁଠାରେ ୨୦ କିମ୍ବା ଅଧିକ କର୍ମୀ ଅଛନ୍ତି ; ସର୍ତ ଆଧାରରେ ଉପଯୁକ୍ତ ସରକାର ଦ୍ୱାରା ଏହା ଦୂର ହୋଇ ପାରିବ ; ଏଠାରେ ଏହା ସ୍ପଷ୍ଟ କରେ ଯେ ଏହା ଏକ ଅନମନୀୟ ଆବଶ୍ୟକତା ନୁହେଁ । ଏହିପରି ଯୁକ୍ତିକୁ ଗ୍ରହଣ କରିବା ଏହା ନିଜସ୍ୱ ଟିସିଏନର ପ୍ରାଧିକରଣର ବ୍ୟାଖ୍ୟାକୁ ଦ୍ୱିତୀୟ ଅନୁମାନ କରିବା ପରି ହେବ, ଯାହା ଉପରେ ଉପରୋକ୍ତ ଭାବରେ ବର୍ଣ୍ଣନା କରାଯାଇଛି ; ଯଦି ଏହା ମନମୂଖୀ, ବିକୃତ କିମ୍ବା ମନ୍ଦ ଉଦ୍ଦେଶ୍ୟ ଯୁକ୍ତ ନ ହୋଇଥାଏ ତେବେ ଦ୍ୱିତୀୟ ଅନୁମାନ କରାଯାଇପାରିବ ନାହିଁ ।

୧୬- ହାଇକୋର୍ଟ ଆବେଦନକାରୀଙ୍କ ଟେଣ୍ଡର କୁ ଗ୍ରହଣ କରିବାର କାର୍ଯ୍ୟକୁ ଅସମ୍ବିଧାନିକ ବୋଲି ଦର୍ଶାଇ ନିଜକୁ ପ୍ରଶ୍ନ ପଚାରିବା ପାଇଁ ପଥ ପରିଷ୍କାର କରିଛନ୍ତି । “ମାଲା-ଫାଇଡ୍” ର ନିବେଦନକୁ ଏହି ରିଟ୍ ପିଟିସନ୍ ମାଧ୍ୟମରେ ଏହିପରି ଭାବରେ କୁହାଯାଇଛି :-

“୨୨. ସେପଟେ ଆବେଦନକାରୀ ନିଶ୍ଚିନ୍ତ କରିଛନ୍ତି ଯେ ଟେଣ୍ଡର ନିମନ୍ତ୍ରଣ କର୍ତ୍ତୃପକ୍ଷ ବିରୋଧି ପକ୍ଷ ନଂ-୦୪ ରୁ ୦୬ ମଧ୍ୟରେ ସଂଯୋଗ କରିଛନ୍ତି ଏବଂ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ପ୍ରତିପକ୍ଷ ସଂଖ୍ୟା ୦୪ ରୁ ୦୬ ଗୋଟିଏ ପ୍ରତିଷ୍ଠାନର ଅଟନ୍ତି ଏବଂ ଏସିବି କୁ ସମାନ ଚୁକ୍ତିନାମା ଯୋଗାଉଛନ୍ତି । ତେଣୁ ସେହି ଅନୁଯାୟୀ, ଏକ ମନ୍ଦ ଉଦ୍ଦେଶ୍ୟ ସହିତ ଉଭୟ ପକ୍ଷ ଯୋଗାଯୋଗ କରିଛନ୍ତି ଏବଂ ଏକ ଫିଲ୍ମ ପରି ଆବେଦନକାରୀଙ୍କୁ ବହିଷ୍କାର କରିବା ପାଇଁ ପୂର୍ବ ଯୋଜନା କରାଯାଇଛି । ସମସ୍ତ ପ୍ରୟୋଗ ପ୍ରତିପକ୍ଷ ସଂଖ୍ୟା-୦୫ ଦ୍ୱାରା କରାଯାଇଛି । କାରଣ ସେମାନେ ଏପର୍ଯ୍ୟନ୍ତ

ଉପରୋକ୍ତ କାର୍ଯ୍ୟ ଜାରି ରଖିଛନ୍ତି ଏବଂ ପ୍ରତିପକ୍ଷ ସଂଖ୍ୟା – ୦୩ ର ସମସ୍ତ ପ୍ରୟାସ ହେଉଛି କିଛି ମକଦ୍ଦମା ସୃଷ୍ଟି କରି ପ୍ରତିପକ୍ଷ ମାନଙ୍କୁ ଲିଖିତ ଆବେଦନ କାର୍ଯ୍ୟକାରୀ ସମୟରେ ବ୍ୟସ୍ତ ରଖି ପାରିବେ ।"

ଏହି ନିବେଦନର ଉତ୍ତର, କର୍ତ୍ତପକ୍ଷଙ୍କ ଦ୍ୱାରା ଏକ କାଉଣ୍ଟର ଶପଥ ପାଠ ଦ୍ୱାରା ହାଇକୋର୍ଟ ରେ ଏହିପରି ଭାବରେ ଦର୍ଶାଯାଇଛି :-

୧୫, ଲିଖିତ ଆବେଦନର ଅନୁଚ୍ଛେଦ ୨୨ ରୁ ୨୫ ରେ ଦିଆଯାଇଥିବା ଦୃଢୋକ୍ତି ର ଉତ୍ତରରେ ଏହା ନମ୍ରତାର ସହ ଏବଂ ସମ୍ମାନର ସହିତ ଉପସ୍ଥାପିତ ହୋଇଛି, ଏଥିରେ ଆବଶ୍ୟକ ନିର୍ଦ୍ଦେଶାବଳୀ କୁ ପାଳନ କରି ଏକ ସ୍ୱଚ୍ଛ ଢଙ୍ଗରେ ବିଡ଼ିଂ ପ୍ରକ୍ରିୟା ଶେଷ ହୋଇଛି ।

ଏହା ମଧ୍ୟ ଦର୍ଶାଯାଇଛି ଟେଣ୍ଡର ସର୍ତ୍ତରେ ଧାର୍ଯ୍ୟ ଯୋଗ୍ୟତା, ମାନଦଣ୍ଡ ଅନୁଯାୟୀ ଆବେଦନକାରୀ, ଦୁଇଟି ମୌଳିକ ଆବଶ୍ୟକତା ପାଳନ କରିବାରେ ବିଫଳ ହୋଇଥିଲେ ଯଥା: (କ) ବୈଧ ଶ୍ରମ ଲାଇସେନ୍ସ ଦାଖଲ (ଖ) ସର୍ବ ନିମ୍ନ ୨୦୦ ଶଯ୍ୟା ବିଶିଷ୍ଟ ସରକାର/ଖ୍ୟାତି ସମ୍ପନ୍ନ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଖାଦ୍ୟ ପ୍ରସ୍ତୁତି ଏବଂ ଯୋଗାଣରେ କ୍ରମାଗତ ତିନି ବର୍ଷର ଅଭିଜ୍ଞତାର ଉପଯୁକ୍ତ ପ୍ରମାଣପତ୍ର ଦାଖଲ । ଫଳସ୍ୱରୂପ ଟେଣ୍ଡର କମିଟି ଆବେଦନକାରୀଙ୍କ ବିଡ୍ କୁ ଅଯୋଗ୍ୟ କରି ଦେଇଛନ୍ତି ।

ଏହା ମଧ୍ୟ ଦାଖଲ ହୋଇଛି ଯେ, କାଗଜପତ୍ର ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ ଏମ୍/ଏସ୍ ଉତ୍ପଳ ସପ୍ଲାୟର୍ସ (ପ୍ରତିପକ୍ଷ-୫) ଟେଣ୍ଡର ପ୍ରକ୍ରିୟାରେ ଏହା – ୧ ବିଡ଼ର ହେବାକୁ ଯୋଗ୍ୟ ବିବେଚିତ ହେଲା ଏବଂ ବିସ୍ତୃତ ବୈଷୟିକ ପରୀକ୍ଷା ଏବଂ ଆର୍ଥିକ ବିଡ୍ ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଙ୍କ ନିକଟକୁ ପଠାଗଲା ।

ଏଫ୍‌ଡ଼ି ନୋଟିଫିକେସନ ସଂଖ୍ୟା-୨୨୩୯୩/ଏଫ୍‌ଟିଡ଼ି ୦୮.୦୬.୨୦୦୨ ଅନୁଯାୟୀ ଏସଏଲପିସି ଏକ ଦକ୍ଷ କର୍ତ୍ତୃପକ୍ଷ, ରେକର୍ଡ଼ ଗୁଡ଼ିକର ସଠିକ୍ ପରୀକ୍ଷଣ କରେ ଏଲ୍-୧ ବିଡ଼ରଙ୍କ ସହିତ କାର୍ଯ୍ୟ କରିବାକୁ ପୁନଃ ପ୍ରସ୍ତାବ ଦିଆଯାଇଛି । ସେହି ଅନୁଯାୟୀ ୨୭.୧୧.୨୦୨୦ ତାରିଖର ଅଫିସ ଚିଠି ସଂଖ୍ୟା ୨୩୩୪୭ ଆଧାରରେ ଏଲଂ-୍୧ ବିଡ଼ର (ପ୍ରତିପକ୍ଷ ସଂଖ୍ୟା – ୫) ସପକ୍ଷରେ କାର୍ଯ୍ୟାଦେଶ ଜାରି କରାଯାଇଛି ଏବଂ ମନୋନୀତ ସଂସ୍ଥା ହସ୍ପିଟାଲରେ ଖାଦ୍ୟ ସେବା କାର୍ଯ୍ୟ ତା ୦୧.୧୨.୨୦୨୦ ରିଖ ଠାରୁ ବହନ କରିଛି ।

ଉପରୋକ୍ତ ଆବେଦନ ଗୁଡ଼ିକର ଏକ ସନ୍ଦର୍ଭ ମଧ୍ୟ ଏହିପରି ଦର୍ଶାଯାଇ ପାରେ ଯେ- "ମନ୍ଦଉଦ୍ଦେଶ୍ୟ" ଅଭିବ୍ୟକ୍ତିର ମନ୍ତ୍ରୋପଚାରଣ ବ୍ୟତୀତ, ଏହି କେସରେ କୌଣସି "ମନ୍ଦଉଦ୍ଦେଶ୍ୟ" କାର୍ଯ୍ୟ ହୋଇନାହିଁ ।

୧୭- ଫଳ ସ୍ୱରୂପ ହାଇକୋର୍ଟଙ୍କ ରାୟକୁ ପୃଥକ କରାଯାଇଛି ଏବଂ ଅପିଲ ଗୁଡ଼ିକୁ ଅନୁମତି ଦିଆଗଲା । ୨୭.୧୧.୨୦୨୦ ରେ ଆବେଦନକାରୀ ଏବଂ କର୍ତ୍ତୃପକ୍ଷଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟଦକ୍ଷତା ସମ୍ପୂର୍ଣ୍ଣ କରିବାକୁ ଏହି ବିଚାର ତାରିଖ ଠାରୁ ଏକ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ଫେରାଇ ଦିଆଯିବ ।

ରୋହିନଟନ ଫଲି ନରିମାନ (ବିଚାରପତି)
ବି.ଆର.ଗାଭାର (ବିଚାରପତି)

ନୂଆଦିଲ୍ଲୀ
ଅପ୍ରେଲ ୦୯, ୨୦୨୧

# ଅସ୍ୱୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜି ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "